## ସଂକ୍ଷେପରେ

### କଲେଜ ଅଧ୍ୟକ୍ଷଙ୍କ ପରଲୋକ



କଣିହାଁ,୭।୧୧(ଡି.ଏନ.ଏ.): କଣିହାଁ କଲେଜ ଯୁକ୍ତ ଦୁଇ ଅଧକ୍ଷ ଆଲୋକ ପାତ୍ର(୫୮)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନହେବ ଅସୁସ୍ଥ ଥିଲେ। ଅଧକ୍ଷ ପାତ୍ର ଅତ୍ୟନ୍ତ ଭଦ୍ର, ମେଳାପି, ପରୋପକାରୀ, ମିଷ୍ଟଭାସି ଓ ଛାତ୍ର ବତ୍ସଳ ଭାବେ ପରିଚିତ ଥିବାରୁ ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଛାତ୍ରୀଛାତ୍ର, ଅଧାପିକାଅଧାପକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ରାଜନେତାଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପାତ୍ରଙ୍କ ଶେଷକୃତ୍ୟ କଂସମୁଣ୍ଡା ଗ୍ରାମ ଶ୍ମଶାନରେ ହୋଇଥିବା ଜଣାପଡିଛି।

### ଶୋକସଭା, କ୍ୟାଣ୍ଡେଲ ଶୋଭାଯାତ୍ରା



ମାଧପୁର,୭।୧୧: ଆଠମଲ୍ଲିକ ବ୍ଲକ ମାଧପୁର ତ୍ରିନାଥ ଅଟୋ ଚାଳକ ସଂଘ ସଦସ୍ୟ ବେଲପୁଞ୍ଜି ଗ୍ରାମର ଗୁଲୁ ଷଣ୍ଢଙ୍କ ସୋମବାର ଦେହାନ୍ତ ହୋଇଯାଇଛି। ସନ୍ଧ୍ୟାରେ ସଂଘର ସଦସ୍ୟମାନଙ୍କ ପକ୍ଷରୁ ଗୁଲୁଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମାଧପୁର ବଜାରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ବଜାର ମଧଭାଗରେ ଶୋକସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ସମ୍ପାଦକ ପଞ୍ଚାନନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ



କଣିହାଁ,୭।୧୧(ଡି.ଏନ.ଏ.): କଣିହାଁ ବ୍ଲକ ସାନତ୍ରିବିଡା ଗ୍ରାମର ଧର୍ମ ପରାୟଣା ମହିଳା ସୁମିତ୍ରା ପ୍ରଧାନ(୯୮)ଙ୍କ ସୋମବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ଏ ନେଇ ଗ୍ରାମ ସମେତ ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାର୍ଦ୍ଧକ୍ୟ କାରଣରୁ ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ସମିତି ସଦସ୍ୟା ମିନାକ୍ଷୀ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଯୁବନେତା ସୁନୀଲ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଏ ନେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସାନତ୍ରିବିଡା ପୂର୍ବତନ ସରପଞ୍ଚ ଟିକନ ପ୍ରଧାନଙ୍କ ମା' ହୋଇଥିବାବେଳେ ବର୍ତ୍ତମାନର ସରପଞ୍ଚ ସୁଜାତା ପ୍ରଧାନଙ୍କ ଶାଶୁ ଅଟନ୍ତି।

# ଅବହେଳା ଯୋଗୁ ଅସୁରକ୍ଷିତ

ବଇଣ୍ଡା, ୭।୧୧ (ପରିକ୍ଷିତ ସାହୁ)



- କାଳ ହେଉଛି ବାର୍‌ହା ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶ
- ଆଠମଲ୍ଲିକ ବନଖଣ୍ଡରେ ଗଲାଣି ୫ ହାତୀଙ୍କ ଜୀବନ
- ବାରମ୍ବାର ଅଘଟଣ ସତ୍ତ୍ୱେ ଯତ୍ନବାନ ହେଉନି ବନ ବିଭାଗ

ବଢ଼ିଚାଲିଛି ବନ୍ୟସମ୍ପଦ ଲୁଟ୍‌ପାଟ। ନିୟମିତ ଗଛ କାଟୁଛନ୍ତି କାଠ ମାଫିଆ। ଚୋରି ହେଉଛି ଲଘୁ ଖଣିଜ ଦ୍ରବ୍ୟ। ଶିକାର ହେଉଛନ୍ତି ବନ୍ୟଜନ୍ତୁ। ଜଙ୍ଗଲ ମଧରେ ଏପରି ଅବାଧ ପ୍ରବେଶ, ଚୋରି ଓ ଶିକାର ଘଟଣାକୁ ରୋକିପାରୁନି ଦାୟିତ୍ୱରେ ଥିବା ବନ ବିଭାଗ। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ଅଧିକ ପ୍ରଭାବିତ ତଥା ଅସୁରକ୍ଷିତ ହେଉଛନ୍ତି ହାତୀ। ଜଙ୍ଗଲ ମଧରେ ଖାଦ୍ୟାଭାବର ଶିକାର ହେଉଥିବାରୁ ଏହି ବିଶାଳକାୟ ପ୍ରାଣୀ ଗାଁ ମୁହାଁ ହେଉଛି। ହେଲେ ବାର୍‌ହା ଶିକାରୀଙ୍କ ବିଦ୍ୟୁତ୍ ଫାଶ ଏମାନଙ୍କ ପାଇଁ କାଳ ସାଜୁଛି। ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡରେ ଗୋଟିଏ ପରେ ଗୋଟିଏ ହାତୀଙ୍କ ମୃତ୍ୟୁ ଏହି କାରଣରୁ ହେଉଥିବା ଅଭିଯୋଗ ହେଉଥିଲେ ହେଁ ତଦନ୍ତ ଜାରି ରହିଥିବା କହି ଏହାକୁ ଲୁଚାଇବାର ଉଦ୍ୟମ କରାଯାଉଛି।

ଆଠମଲ୍ଲିକ ବନଖଣ୍ଡରେ ବିଦ୍ୟୁତ୍ ଫାଶରେ ପଡ଼ି ହାତୀଙ୍କ ଜୀବନ ଯିବା ବାରମ୍ବାର ଦେଖାଯାଉଛି। ବନଖଣ୍ଡର ଆଠମଲ୍ଲିକ, ମାଧପୁର, ଧଣ୍ଡାଟୋପା, ହଣ୍ଡପା ଓ ବାମୁର ରେଞ୍ଜରେ ହାତୀଙ୍କ ଚଳପ୍ରଚଳ ଥିବାବେଳେ ହଣ୍ଡପା, ମାଧପୁର ଓ ବାମୁର ରେଞ୍ଜରେ ଶିକାରୀ ଅଧିକ ସକ୍ରିୟ ରହିଥିବା କୁହାଯାଉଛି। କାରଣ ଏକାଧିକ ହାତୀଙ୍କ ଜୀବନ ଶିକାରୀମାନଙ୍କ ଦ୍ୱାରା ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଯାଇଛି। ୧୪ ନଭେମ୍ବର ୨୦୧୮ରେ ହଣ୍ଡପା ରେଞ୍ଜ ସାପଘରା ପଞ୍ଚାୟତର ହେମାମୁରା ଜଙ୍ଗଲରେ ଏକ ଦନ୍ତା ହାତୀ ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଇଥିଲା। ସେହିପରି ୨୫ ନଭେମ୍ବର ୨୦୧୯ରେ ଟେଣ୍ଟୁଲି ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଜଙ୍ଗଲରେ ବିଛାଯାଇଥିବା ବିଦ୍ୟୁତ୍ ତାର ହାତୀ ମୃତ୍ୟୁର କାରଣ ବୋଲି କୁହାଯାଉଥିଲେ ହେଁ ବନ ବିଭାଗ ପ୍ରମାଣ ପାଇପାରି ନ ଥିଲା। ଏହି ରେଞ୍ଜର ନାକିଚି ଜଙ୍ଗଲଠାରେ ୫ ଜୁନ ୨୦୨୧ରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା। ମୃତ ଶରୀରରୁ ଗୁଳି ମିଳିଥିବାରୁ ଏଥିରେ ଶିକାରୀଙ୍କ ହାତ ଥିବା ଜଣାପଡ଼ିଥିଲା। ମାଧପୁର ରେଞ୍ଜର ମୁଣ୍ଡାପଡା ଖେସ୍ରା ଜଙ୍ଗଲରେ ୧୫ ଅକ୍ଟୋବର ୨୦୨୨ରେ ଏକ ଅଣ୍ଡିରା ହାତୀର ମୃତ୍ୟୁ ହୋଇଥିଲା। ସେହିପରି ବାମୁର ରେଞ୍ଜ ଶାନ୍ତିପୁର ଜଙ୍ଗଲରେ ୨୮ ଅକ୍ଟୋବର ୨୦୨୨ରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା। ବାର୍‌ହା ଶିକାର ଉଦ୍ଦେଶ୍ୟରେ ବସାଯାଇଥିବା ବିଦ୍ୟୁତ୍ ଫାଶ ହାତୀର ଜୀବନ ନେଇଥିବା ଚର୍ଚ୍ଚା ଲାଗି ରହିଥିଲେ ବି ବନ ବିଭାଗର ତଦନ୍ତ ଶେଷ ହୋଇପାରି ନାହିଁ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଐତିହ୍ୟ ପ୍ରାଣୀ ହାତୀ ମୃତ୍ୟୁକୁ ନେଇ ନାନା ତନାଘନା ହେଉଛି। ନୂଆ ନୂଆ ଯୋଜନା ମାଧମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ହେଲେ ବନ ବିଭାଗ ଯତ୍ନବାନ ହେଉ ନ ଥିବାରୁ ହାତୀ ମୃତ୍ୟୁ ଘଟଣା ବଢ଼ିଚାଲିଥିବା ଅଭିଯୋଗ ହେଉଛି। ଏ ନେଇ ଆଠମଲ୍ଲିକ ଡିଏଫ୍‌ଓ ଏସ୍.ଆନନ୍ଦ କହିଛନ୍ତି, ହାତୀକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

#### ବିଭାଗ ଯତ୍ନବାନ ହେଉନି



ଜଙ୍ଗଲରେ ଖାଦ୍ୟ ବୃଦ୍ଧି ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ହାତୀପଲ ଧାନ, ଆଖୁ ଆଦି ଖାଇବାକୁ ଗାଁ ମୁହାଁ ହେଉଛନ୍ତି। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେଉଥିବାବେଳେ ଉପଯୁକ୍ତ କ୍ଷତିପୂରଣ ମିଳୁନି। ଅନେକ ସମୟରେ ଗାଁ ମୁହାଁ ହାତୀ ବାର୍‌ହା ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଉଛନ୍ତି। ବନ ବିଭାଗ ଯତ୍ନବାନ ହେଉ ନ ଥିବାରୁ ଏପରି ଘଟଣା ବଢ଼ିଚାଲିଛି।

-ଶିବରାମ ନାୟକ, ସାନହୁଲା

#### ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ



ଆଠମଲ୍ଲିକ ବନଖଣ୍ଡରେ ଗୋଟିଏ ପରେ ଗୋଟିଏ ହାତୀ ବିଦ୍ୟୁତ୍ ଫାଶରେ ପଡୁଛନ୍ତି। ହେଲେ ଏହାକୁ ରୋକିବା ଦିଗରେ ବନ ବିଭାଗ ଉପଯୁକ୍ତ ପଦକ୍ଷେପ ନେଉନାହିଁ। ଏପରି କି ଠିକ୍ ଭାବେ ତଦନ୍ତ କରି ଶିକାରୀଙ୍କୁ ଗିରଫ କରାଯାଉ ନାହିଁ। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

-ଭଗବାନ ଘିୱାଲା, ବଇଣ୍ଡା

#### ଆଗେ ଅଧିକାରୀ ସଚେତନ ହୁଅନ୍ତୁ



ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିବା କୁହାଯାଉଛି। ହେଲେ ଆଠମଲ୍ଲିକ ବନଖଣ୍ଡରେ ଯେପରି ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ମୃତ୍ୟୁ ଘଟଣା ବଢ଼ିଚାଲିଛି ସେଥିରୁ ବିଭାଗର ଅବହେଳା ବାରି ହୋଇପଡୁଛି। ତେଣୁ ପ୍ରଥମେ ନିଜ କର୍ତ୍ତବ୍ୟ ପ୍ରତି ବିଭାଗୀୟ ଅଧିକାରୀ ସଚେତନ ହୁଅନ୍ତୁ।

-ଧ୍ରୁବଚରଣ ସାହୁ, ବଡ଼ଗୋବିନ୍ଦପୁର

#### ଜଙ୍ଗଲରେ ଖାଦ୍ୟ ଯାଞ୍ଚ ହେଉନି



ବନ ବିଭାଗ ଅଧିକାରୀମାନେ ଠିକ୍ ଭାବେ ଜଙ୍ଗଲ ପରିଦର୍ଶନ କରୁନାହାନ୍ତି। ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ରହିଛି କି ନାହିଁ ତାହାର ଯାଞ୍ଚ କରୁନାହାନ୍ତି। ବନ ବିଭାଗର ଏହି ଅବହେଳା ଯୋଗୁ ହାତୀ ଜଙ୍ଗଲରୁ ବାହାରକୁ ଆସି ଖାଦ୍ୟ ଖୋଜିବା ବେଳେ ବାର୍‌ହା ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଉଛି।

-ଅଞ୍ଜନ କୁମାର ପ୍ରଧାନ, ଆଇନଜୀବୀ, ଆଠମଲ୍ଲିକ

## ବିନିକେଇ ପୀଠର ଉନ୍ନତି କରାଯିବ

ଆଠମଲ୍ଲିକ, ୭।୧୧ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଜାମୁଡୋଲି ଓ ଲୁହାସିଙ୍ଗା ପଞ୍ଚାୟତ ତରଫରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ବିନିକେଇ ପୀଠର ବହୁବିଧ ଉନ୍ନତି କରାଯିବ ବୋଲି କହିଥିଲେ। ପ୍ରଥମେ ଗ୍ରାମବାସୀ ମହାନଦୀରେ ସଜ୍ଜିତ ଡଙ୍ଗାଗୁଡିକୁ ମିଳିତ ଭାବରେ ଭସାଇଥିଲେ। ପୂର୍ବରୁ ସଜ୍ଜିତ କରାଯାଇଥିବା ଏକ ଡଙ୍ଗାରେ ବିଧାୟକ ବସି ମହାନଦୀରେ ନୌକା ବିହାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଦର୍ଶନ ଗାଇଗାରିଆ, ସରପଞ୍ଚ ପ୍ରଭାକର ପ୍ରଧାନ, ସମିତି ସଭ୍ୟ ଅଖିଳ ପ୍ରଧାନ ଓ ଅନିତା ଦେହୁରୀ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ବିଜେଡି ବ୍ଲକ ସଭାପତି ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଇନଜୀବୀ ବିଜୟ ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡନୃତ୍ୟ, ଘଣ୍ଟବାଦ୍ୟ, ମହିଳା କୃଷ୍ଣଗୁରୁ ସଂକୀର୍ତ୍ତନ ପରିବେଷଣ ହୋଇଥିଲା।



## ଅନ୍ତଃ ଓ ବହିଃ ବିଭାଗ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ନିର୍ବାଚନମଣ୍ଡଳୀ ଅଧୀନ ଅନୁଗୋଳ ବ୍ଲକର ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସୋମବାର ଅନ୍ତଃ ବିଭାଗ ଓ ବହିଃ ବିଭାଗ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ, ୪ନଂ. ଜୋନ ଜିଲା ପରିଷଦ ସଦସ୍ୟ ଧ୍ରୁବଚରଣ ଦେହୁରୀ, ଅନୁଗୋଳ ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ରେବତୀ ନାଏକ, ବନ୍ତଲା ସରପଞ୍ଚ, ଶଙ୍ଖପୁର ସରପଞ୍ଚ, କୁମୁରିସିଂହା ସରପଞ୍ଚ, ସ୍ଥାନୀୟ ନେତୃ ମଣ୍ଡଳୀ, ପୂର୍ତ୍ତ ବିଭାଗ ସମସ୍ତ ଅଧିକାରୀ, ବନ୍ତଲା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ଶପଥପାଠ



ତାଳଚେର/ କଣିହାଁ, ୭।୧୧ (ନି.ପ୍ର.)

ଏନ୍‌ଟିପିସି କଣିହାଁ ପକ୍ଷରୁ ଅକ୍ଟୋବର ୩୧ ତାରିଖରୁ ନଭେମ୍ବର ୬ ପର୍ଯ୍ୟନ୍ତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି। ଉଦ୍‌ଘାଟନୀ ଦିବସରେ ଜେନେରାଲ ମ୍ୟାନେଜର (ରକ୍ଷଣାବେକ୍ଷଣ) ଅଶୋକ କୁମାର ସେହଗଲ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ କର୍ମଚାରୀମାନେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ୱେବସାଇଟରେ ଲଗ୍ ଇନ୍ କରି ଇ-ଶପଥ ପାଠ କରିଥିଲେ। ସାପ୍ତାହିକ ଉତ୍ସବ ସମୟରେ ପାୱାର ଷ୍ଟେଶନର ଭିଜିଲାନ୍ସ ବିଭାଗ କର୍ମଚାରୀ, ଗୃହିଣୀ, ଛାତ୍ରୀଛାତ୍ର, ସିଆଇଏସଏଫ୍ କର୍ମଚାରୀ ଏବଂ ସହଯୋଗୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେହିପରି ଏଚ୍‌ଓଡିଙ୍କୁ ନେଇ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ବ୍ୟାପକ ପ୍ରଚାର, ପ୍ରସାର ନିମନ୍ତେ ବିଦ୍ୟୁତ ଷ୍ଟେଶନର ପ୍ରମୁଖ ସ୍ଥାନମାନଙ୍କରେ ଏ ସମ୍ପର୍କିତ ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଏକ ୱାକାଥନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଚଓପି କେ.ଏସ୍. ସୁନ୍ଦରମ୍, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଗୃହିଣୀ, ସ୍କୁଲ ଛାତ୍ରୀଛାତ୍ର, ସିଆଇଏସ୍‌ଏଫ୍ କର୍ମଚାରୀ ଏବଂ ସହଯୋଗୀମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ୫୨ ଅଭିଯୋଗ ଶୁଣିଲେ ଜିଲାପାଳ

ପାଲଲହଡା,୭।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡଠାରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ୫୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୩୮ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୪ଟି ସାମୂହିକ ଅଭିଯୋଗ ରହିଥିଲା। ମୁଚୁରିଗାଡିଆ ଗ୍ରାମର ଲମ୍ବୋଦର ସିତାରୀଙ୍କୁ ୫ ହଜାର ଟଙ୍କା ଏବଂ ବରଡିହ ଗ୍ରାମର ସମୁ ନାଏକଙ୍କୁ ୧୦ ହଜାର ଟଙ୍କା ରେଡ୍‌କ୍ରସ୍ ପକ୍ଷରୁ ପ୍ରଦାନ କରାଯାଇଥିଲା। ସେହିପରି ମୁଚୁରିଗାଡିଆ ଗ୍ରାମର ଗଣଖାନ୍ଦିଆଙ୍କୁ ଆଶା ବାଡି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପଦ୍ମନାଭ ସାମନ୍ତରାୟ, ଉପଜିଲାପାଳ ସୁଶାନ୍ତ ପତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣି ନାଏକ, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଦିଲୀପ କୁମାର ବାଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ

ଆଠମଲ୍ଲିକ, ୭।୧୧ (ଡି.ଏନ.ଏ.)

ରାମଚରିତ ମାନସ ପରିଷଦ ପକ୍ଷରୁ ଆଠମଲ୍ଲିକ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଗତ ୩୦ ତାରିଖରୁ ଶୁଭାରମ୍ଭ ହୋଇଥିବା ୩୧ ତମ ଶ୍ରୀରାମ ଚରିତ ମାନସ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାସ ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଗୁରୁ ପ୍ରସାଦ ମିଶ୍ର, ପୂଜକ ଭାବେ ପ୍ରଫୁଲ୍ଲ ପାଣିଗ୍ରାହୀ ଓ ପଣ୍ଡିତ ରାଧା ମୋହନ ତ୍ରିପାଠୀ, କର୍ତ୍ତା ଭାବେ ଚିତ୍ତ ମୋହନ ତ୍ରିପାଠୀ ଦାୟିତ୍ୱ ତୁଲାଇ ଥିଲେ। ପ୍ରବଚକ ଭାବେ ଗୌରହରି ଦାସ, ଅଶୋକ କୁମାର ଦାସ, ଶ୍ରୀରାମ ନିରଞ୍ଜନ ଦାସ ଓ ଛବିନାରାୟଣ ହୋତା ଓ ବାଦ୍ୟକାର ଭାବେ ସର୍ବେଶ୍ୱର ନାଏକ ଯୋଗଦେଇଥିଲେ। ପରିଷଦ ସଭାପତି ତୁଳସୀ ଦାସ ଅଗ୍ରୱାଲ, ସମ୍ପାଦକ ବିରଞ୍ଚି ଦେହୁରୀ, ବରିଷ୍ଠ ସଭ୍ୟ ଅରୁଣ କୁମାର ଦାସ, ଉମେଶ ଅଗ୍ରୱାଲ, ଅମୀୟ ଦାସ, ତପନ ମିଶ୍ର, ହୃଦାନନ୍ଦ ସାହୁ, ମିଲୁ ଭୋକ୍ତା, ମହେଶ ଅଗ୍ରୱାଲ, ବିଟୁ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

## ୪ ଶିକାରୀ କୋର୍ଟଚାଲାଣ

ବଇଣ୍ଡା,୭।୧୧(ଡି.ଏନ.ଏ.)

**କଲରାପତରିଆ ବାଘ ମୃତ ଘଟଣା**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ ଫୁଲଝରୀ ଜଙ୍ଗଲରୁ ରବିବାର ଏକ କଲରାପତରିଆ ବାଘର ଗଳିତ ମୃତଦେହ ବାମୁର ବନ ବିଭାଗ ଜବତ କରିଥିଲା। ଏହି ଘଟଣାରେ ସୋମବାର ବନବିଭାଗ ୪ ଜଣ ଶିକାରୀଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ କିଶୋରନଗର ଥାନା ଜୀଅନ୍ତାନାଳି ଗ୍ରାମର ରଞ୍ଜିତ ବେହେରା, ଫୁଲଝରି ଗ୍ରାମର ଗୟା ମିର୍ଦ୍ଧା, ବାବି ନାୟକ, ଘନଶ୍ୟାମ ନାୟକ। ସେମାନଙ୍କଠାରୁ ବାଘ ଚମଡା, ନଖ, ନିଶ ଜବତ କରାଯାଇଛି।

ବନବିଭାଗ ସୂଚନା ଅନୁଯାୟୀ, ଫୁଲଝରୀ ଜଙ୍ଗଲରେ ବୁଧବାର ରାତିରେ ବାର୍‌ହା ଶିକାର କରିବା ପାଇଁ ୪ ଅଭିଯୁକ୍ତ ୧୧ କେଭି ଲାଇନ୍‌ରୁ ହୁକ ଟାଣି ବିଦ୍ୟୁତ୍ ଫାଶ ବିଛାଇଥିଲେ। ଏଥିରେ ଉକ୍ତ କଲରାପତରିଆ ଫସିଯାଇ ମୃତ୍ୟୁମୁଖରେ ପଡ଼ିଥିଲା। ଗୁରୁବାର ସକାଳେ ଶିକାରୀମାନେ ମୃତବାଘ ଶରୀରରୁ ଚମଡ଼ା ବାହାର କରି ଏକ ପଥରରେ ଶୁଖାଇଥିଲେ। ଏଥିସହ ବାଘର ଚମଡ଼ାବିହୀନ ମୃତଦେହକୁ ବୁଦାରେ ଫିଙ୍ଗି ଦେଇଥିଲେ। ରବିବାର ସକାଳେ ଜଙ୍ଗଲକୁ ଯାଇଥିବା ଜଣେ ଗୋରୁ ଚରାଳି ଏହା ଦେଖି ବାମୁର ରେଞ୍ଜ୍ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ଆଠମଲ୍ଲିକ ଡିଏଫ୍‌ଓ ଏସ୍. ଆନନ୍ଦ, ବାମୁର ରେଞ୍ଜର ସରୋଜ ମିଶ୍ରଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିବାସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏଥିସହିତ ଶୁଖାଯାଇଥିବା ବାଘ ଚମଡାକୁ ଜବତ କରିଥିଲେ। କେଉଁ ସ୍ଥାନରେ ଚମଡ଼ାକୁ ବିକ୍ରି କରିବାକୁ ଅଭିଯୁକ୍ତମାନେ ମସୁଧା ଚଳାଇଥିଲେ, ସେ ନେଇ ତଦନ୍ତ ଚାଲିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

## ଶୂନ୍ୟ ମନ୍ଦିର ପ୍ରାଙ୍ଗଣରେ ଅଖଣ୍ଡବତି ପ୍ରଜ୍ୱଳନ

ବଅଁରପାଳ,୭।୧୧(ଡି.ଏନ.ଏ.)



କୁଲାଡ଼ ମହାନିତ୍ୟ ମହିମା ସମାଜ ତରଫରୁ ମହିମା ଟୁଙ୍ଗି ପରିସରରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଛି। ରବିବାର ସନ୍ଧ୍ୟାରେ ଶୂନ୍ୟ ମନ୍ଦିର ପ୍ରାଙ୍ଗଣରେ ଅଖଣ୍ଡବତୀ ପ୍ରଜ୍ୱଳନ ଓ ଧୁନି ସ୍ଥାପନା କରାଯାଇ ବିଶ୍ୱର ମଙ୍ଗଳ କାମନା କରାଯାଇଥିଲା। ଗ୍ରାମର ଶତାଧିକ ଭକ୍ତ ଓ ଜନସାଧାରଣ ଯୋଗଦେଇ ଶରଣ ଦର୍ଶନ କରିଥିଲେ। ବାବା ରବି ଦାସ ଅଖଣ୍ଡବତି ଓ ବ୍ରହ୍ମଧୁନିରେ ଘୃତାହୁତି ପ୍ରଦାନ କରି ଉପସ୍ଥିତ ଭକ୍ତମାନଙ୍କ ରିଷ୍ଟ ଖଣ୍ଡନ ଓ ସୁଖଶାନ୍ତି ପ୍ରଦାନ ନିମନ୍ତେ ଅଲେଖ ମହିମାଙ୍କୁ ଡାକ ଦେଇଥିଲେ। କମାକ୍ଷାନଗର, କଙ୍କଡାହାଡ ଅଞ୍ଚଳର ମହିଳା ଭଜନ ମଣ୍ଡଳୀ ଯୋଗଦେଇ ଭୀମଭୋଇଙ୍କ ଭଜନ ପରିବେଷଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ସୋମବାର ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ଅହ୍ଲଣିଆ ପ୍ରସ୍ତୁତ କରାଯାଇ ଭିକ୍ଷା ମଣ୍ଡପରେ ମହିମା ସ୍ୱାମୀଙ୍କୁ ଅର୍ପଣ କରାଯାଇଥିଲା। ମଧାହ୍ନରେ ଗ୍ରାମର ଭକ୍ତ, ପରିବାରବର୍ଗ ତଥା ଜନସାଧାରଣଙ୍କୁ ଆତ୍ମାସେବା ଅନ୍ନପ୍ରସାଦରେ ଆପ୍ୟାୟିତ କରାଯାଇଥିଲା। ମହିମା ସମାଜର ଭକ୍ତ ପ୍ରେମାନନ୍ଦ ସେଠ, ରାଜେଶ ଜେନା, ପରେଶ ଜେନା, ବିନୋଦ ସେଠ, ପ୍ରଣବ ଜେନା, ମନୋଜ ଜେନା, ପୃଥ୍ୱୀରାଜ ଜେନା, କରୁଣାକର ସେଠ, ଗଦାଧର ସେଠ, ବନମାଳୀ ସେଠ, ବୈରାଗୀ ସେଠ ପ୍ରମୁଖ ପରିଚାଳନା କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆସାମ ବିଜୟୀ

ଅନୁଗୋଳ ଅଫିସ, ୭।୧୧

- ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ
- ଆଜି ଗୋଆ-ରାଜସ୍ଥାନ ମଧରେ ଫାଇନାଲ ମ୍ୟାଚ
- ତାଳଚେରେ ଏମ୍‌ସିଏଲ୍ ଷ୍ଟାଡିୟମରେ ହେବ ପ୍ରତିଯୋଗିତା

ସର୍ବଭାରତୀୟ ଫୁଟବଲ ସଂଘ ସହଯୋଗରେ ତଥା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଆୟୋଜିତ ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ। ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବ୍ଲାକ ଡାଇମଣ୍ଡ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ଓ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ମୁହାଁମୁହିଁ ହେବେ। ତେବେ ଏହା ପୂର୍ବରୁ ସୋମବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଓଡ଼ିଶା ଏକାଦଶ ଏବଂ ଆସାମର ବୋଡୋଲ୍ୟାଣ୍ଡ ଫୁଟବଲ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆସାମ ବୋଡୋଲ୍ୟାଣ୍ଡ ଦଳ ଓଡ଼ିଶାକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଚମତ୍କାର ଖେଳ ପାଇଁ ବୋଡୋଲ୍ୟାଣ୍ଡର ରୋହନ ବ୍ରହ୍ମାଙ୍କୁ ହିରୋ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ମ୍ୟାଚର ଅତିଥିଭାବେ ସର୍ବଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। ତାଙ୍କ ସହ ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ, ଏମ୍‌ସିଏଲ୍ ଜଗନ୍ନାଥ ଏରିଆ ଜିଏମ୍ ଏ. କେ. ଧଳ, ଓଡ଼ିଶା ଫୁଟବଲ ଟିମ୍‌ର ପୂର୍ବତନ ଅଧିନାୟକ ରଣଜିତ ଟିଗ୍ଗା, ସୀମାଞ୍ଚଳ ଖଟେଇ, ବିଶ୍ୱଜିତ ପଟ୍ଟନାୟକ, ଯଯାତି ପଟ୍ଟନାୟକ, ସଂଗ୍ରାମ ପାତ୍ର ପ୍ରମୁଖ ଖେଳ ଦେଖିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ମ୍ୟାଚ ପୂର୍ବରୁ ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ସଂକ୍ଷେପରେ

### ‘ଧାମନଗରବାସୀ ସ୍ୱାଭିମାନର ପରିଚୟ ଦେଇଛନ୍ତି’

**ଢେଙ୍କାନାଳ ଅଫିସ,୭।୧୧:** ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ବିଧାନସଭା ଉପ ନିର୍ବାଚନରେ ଭାଜପା ପ୍ରାର୍ଥୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ବିଜୟୀକରି ଧାମନଗରବାସୀ ରାଜ୍ୟ ସରକାରଙ୍କୁ କଡ଼ା ଜବାବ ଦେବା ସହ ନିଜ ସ୍ୱାଭିମାନର ପରିଚୟ ଦେଇଛନ୍ତି ବୋଲି ଢେଙ୍କାନାଳ ଭାଜପା ନେତୃବୃନ୍ଦଙ୍କ ପକ୍ଷରୁ ସୋମବାର କୁହାଯାଇଛି। ଏହି ନିର୍ବାଚନରେ ଭାଜପାର ବିପୁଳ ବିଜୟ ପାଇଁ ନେତୃବୃନ୍ଦମାନେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ନରେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁନୀଲ ଶର୍ମା, ପ୍ରେମାନନ୍ଦ ଜେନା, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା ଓ ରତିକାନ୍ତ ସାହୁ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ନିରାଶା ଭିତରେ ମଧ୍ୟ ନିଷ୍ଠାପର

**ଢେଙ୍କାନାଳ ଅଫିସ,୭।୧୧**

- ସହାୟତା ଖୋଜୁଛନ୍ତି ଆଶାକର୍ମୀ ହୀରାବତୀ
- ଶଯ୍ୟାଶାୟୀ ସ୍ୱାମୀ, ୨ ପୁଅଙ୍କ ଚିକିତ୍ସା ନେଇ ଚିନ୍ତିତ
- ତଥାପି ନେଉଛନ୍ତି ପ୍ରସୂତି, ଗର୍ଭବତୀଙ୍କ ସ୍ୱାସ୍ଥ୍ୟର ଯତ୍ନ

ସ୍ୱାମୀଙ୍କୁ କ୍ୟାନସର। ୨ ପୁଅ ମଧ୍ୟ ରୋଗ ଯୋଗୁ ଶଯ୍ୟାଶାୟୀ। ଚିକିତ୍ସା ନିମନ୍ତେ ପ୍ରତି ମାସରେ ଦରକାର ପୁଳା ପୁଳା ଟଙ୍କା। ଋଣରେ ବୁଡ଼ିଯାଇଥିବାରୁ ଆଉ ଅଧିକ କରଜ ମିଳୁନାହିଁ। ଏପରି ନିରାଶାଜନକ ସ୍ଥିତି ଭିତରେ ବି କାର୍ଯ୍ୟରେ ନିଷ୍ଠାପରତା ଦେଖାଉଛନ୍ତି ଆଶାକର୍ମୀ ହୀରାବତୀ ପ୍ରଧାନ(୫୩)। ପ୍ରସୂତି ଓ ଗାଁରେ ଥିବା ଗର୍ଭବତୀଙ୍କ ସ୍ୱାସ୍ଥ୍ୟର ଯତ୍ନରେ ସେ ଆଦୌ ଅବହେଳା କରୁନାହାନ୍ତି। ତାଙ୍କ କର୍ତ୍ତବ୍ୟପରାୟଣତାର କଥା ପହଞ୍ଚିଛି ଜିଲା ପ୍ରଶାସନ ନିକଟରେ। ଜିଲାପାଳ କିଛି ଆର୍ଥିକ ସହାୟତା ଦେଇଛନ୍ତି। ହେଲେ ତାହା ମାସିକ ଔଷଧକୁ ନିଅଣ୍ଟ ହେଉଥିବାରୁ ଅଧିକ ସରକାରୀ ଓ ବେସରକାରୀ ସହାୟତା ପ୍ରତି ଆଶା ରଖିଛନ୍ତି ଆଶାକର୍ମୀ ହୀରାବତୀ।

ହୀରାବତୀଙ୍କ ଘର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡିହି ପଞ୍ଚାୟତରେ। ପରିବାର କହିଲେ ସ୍ୱାମୀ ଅଖିଳଚନ୍ଦ୍ର ପ୍ରଧାନ(୬୦), ବଡ଼ପୁଅ ଅମରଜିତ ପ୍ରଧାନ(୩୨) ଓ ସାନପୁଅ ଅଜିତ ପ୍ରଧାନ(୩୧)। ହୀରାବତୀଙ୍କ କହିବା ଅନୁଯାୟୀ, ସ୍ୱାମୀ ଅଖିଳଚନ୍ଦ୍ର ଏକ ଜଳଖିଆ ଦୋକାନ କରିଥିବାରୁ ପୂର୍ବରୁ ଠିକ୍‌ଠାକ୍ ଚାଲିଥିଲା ତାଙ୍କ ସଂସାର। ହେଲେ ସ୍ୱାମୀ କ୍ୟାନସର ରୋଗରେ ପୀଡ଼ିତ ହେବାପରେ ଦୋକାନ ସହ ପରିବାରର ରୋଜଗାର ବନ୍ଦ ହୋଇଗଲା। ଚିକିତ୍ସା ବାବଦକୁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇଗଲା। ତେବେ ଦୁଃଖ ଏତିକିରେ ସରିନାହିଁ। ଯୁକ୍ତ ୨ ପାସ୍ କରିଥିବା ବଡ଼ପୁଅ ଅମରଜିତ ପ୍ରଧାନ ମାଂସପେଶୀଜନିତ ଦୁର୍ବଳତା ରୋଗ ଯୋଗୁ ଦୀର୍ଘବର୍ଷ ହେଲା ଶଯ୍ୟାଶାୟୀ। ସାନପୁଅ ଅଜିତ ପ୍ରଧାନଙ୍କ ଫୁସଫୁସ ସଂକ୍ରମିତ ହୋଇଥିବାରୁ ସେ ଚିକିତ୍ସାଧୀନ। ଔଷଧ ବାବଦକୁ ମାସିକ ବହୁ ଟଙ୍କା ଦରକାର ପଡୁଛି। ଆଶାକର୍ମୀ ଭାବେ ପାଉଥିବା ୪ହଜାର ୫ଶହ ଟଙ୍କା ନିଅଣ୍ଟ ପଡୁଥିବାରୁ ସେ ଘରୋଇ ସଂସ୍ଥାରୁ ଋଣ କରି ସ୍ୱାମୀ ଓ ପୁଅଙ୍କ ଚିକିତ୍ସା କରିଛନ୍ତି। କିନ୍ତୁ ଦିନକୁ ଦିନ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାବେଳେ ଋଣ ଭାରରେ ସେ ବୁଡ଼ିଗଲେଣି। ତେଣୁ ଆଉ କରଜ ତାଙ୍କୁ ମିଳୁନାହିଁ। କୌଣସି ସୂତ୍ରରୁ ଖବରପାଇବା ପରେ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସ୍ୱାମୀ ଓ ଦୁଇପୁତ୍ରଙ୍କ ଔଷଧ ଖର୍ଚ୍ଚ ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ଚିକିତ୍ସା ନିମନ୍ତେ ଅଧିକ ଟଙ୍କା ଆବଶ୍ୟକ ଥିବାରୁ ସରକାରୀ କି ବେସରକାରୀ ଭାବେ ସହାୟତା ମିଳିଥିଲେ ସ୍ୱାମୀ ଓ ଦୁଇ ପୁଅଙ୍କ ଚିକିତ୍ସା କରିପାରନ୍ତେ ବୋଲି ହୀରାବତୀ ଲୁହ ଛଳ ଛଳ ଆଖିରେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଖବରପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆଶାକର୍ମୀ ହୀରାବତୀଙ୍କୁ ସହାୟତା ପ୍ରଦାନ କରାଯାଇଛି। କିଭଳି ଅଧିକ ସାହାଯ୍ୟ ସହଯୋଗ କରାଯାଇପାରିବ ତାହା ବିଚାର କରାଯାଉଛି। ସବୁକଷ୍ଟ ମଧ୍ୟରେ ହୀରାବତୀ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉଥିବାରୁ ତାଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।


ଅସହାୟ ହୀରାବତୀ ସହାୟତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ସଚେତନତାର ବାର୍ତ୍ତା ଦେଲା ମିଲେଟ ମିଶନ

**ଢେଙ୍କାନାଳ ଅଫିସ,୭।୧୧**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକରେ ସୋମବାର ଓଡ଼ିଶା ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ରଥ ଗାଁକୁ ଗାଁ ବୁଲି ସଚେତନ କରିବା ଆରମ୍ଭ କରିଛି। ଢେଙ୍କାନାଳ କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ଏବଂ ଓଡ଼ିଶା ମିଲେଟ ମିଶନର ସହଯୋଗୀ ସଂସ୍ଥା ଇନଷ୍ଟିଚ୍ୟୁଶନ ଫର୍ ଡେଭଲପମେଣ୍ଟ ଆଣ୍ଡ୍ ଇମ୍ପ୍ଲିମେଣ୍ଟେଶନ ଅଫ୍ ଟେକ୍ନିସିଜିମ୍(ଇଡିଅଟ) ପକ୍ଷରୁ ଆୟୋଜିତ ଏକ ସୁସଜ୍ଜିତ ରଥକୁ ଓଡାପଡା ବିଡିଓ ମନ୍ମଥ ନାୟକ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡାପଡା ବ୍ଲକ କୃଷି ଅଧିକାରୀ ବିଭୂଦତ ସାହୁ, ଢେଙ୍କାନାଳ କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା)ର ସଭାପତି ରମେଶ ପ୍ରସାଦ ସାହୁ, ବିଟିଏମ୍ ଦେବାଶିଷ ସାହୁ, ଇଡିଅଟର ସଦସ୍ୟ ସଚିବ ସରୋଜ କୁମାର ଶତପଥୀ, ମିଲେଟ ମିଶନର ବ୍ଲକ ସଂଯୋଜିକା ରଞ୍ଜିତା ମଞ୍ଜରୀ କର, ସହାକାରୀ ବ୍ଲକ ସଂଯୋଜକ ରଞ୍ଜନ କୁମାର ସାହୁ, ବିଶ୍ୱରଞ୍ଜନ ମିଶ୍ର, ଅଶୋକ ରାଉତ, ସିଆର୍‌ପି ପ୍ରଣୟ କୁମାରୀ ଜେନା, ମାମିଲତା ମହାରଣା, ଶୁଭଶ୍ରୀ ଜେନା, ଟୁଟୁ ନାୟକଙ୍କ ସମେତ କୃଷି ବିଭାଗର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମାର୍ଗଶୀର ମାସ ପ୍ରଥମ ଗୁରୁବାର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିବା ପରେ ବ୍ଲକର ସବୁ ପଞ୍ଚାୟତରେ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ମାଣ୍ଡିଆ ରଥ ବୁଲିବ ବୋଲି ଯୋଜନା ପ୍ରସ୍ତୁତ କରାଯାଇଛି।


ମାଣ୍ଡିଆ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

# କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଢେଙ୍କାନାଳ ଅଫିସ,୭।୧୧**

### କାର୍ତ୍ତିକ ଶେଷ ସୋମବାର

ଧର୍ମ ମାସ କାର୍ତ୍ତିକର ଶେଷ ସୋମବାରରେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପୀଠକୁ ଆସି ଲମ୍ବା ଧାଡିରେ ଠାକୁରଙ୍କ ଦର୍ଶନ କରିଥିଲେ। ହରହର ମହାଦେବ ଧ୍ୱନୀରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା। ସକାଳୁ ଅପରାହ୍ନ ମଧ୍ୟରେ ପ୍ରାୟ ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ମାତା ପାର୍ବତୀଙ୍କର ଦର୍ଶନ ମଧ୍ୟ କରିଥିଲେ। ପାହାଚ ରାସ୍ତାରେ ମଧ୍ୟ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପୀଠକୁ ଯାଉଥିବା ଦେଖାଯାଇଥିଲା। ସେହିପରି ଭିଡକୁ ନଜରରେ ରଖି ବାରବାଙ୍କ ଘାଟି ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ପୀଠର ପାଦ ଦେଶରୁ ଯାନବାହାନକୁ ନିୟନ୍ତ୍ରଣ କରାଯାଇଥିଲା। ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶେଷ ସୋମବାର ଦିନ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ପୀଠରେ ପ୍ରସାଦ ସେବନ ମଧ୍ୟ କରିଥିଲେ। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ସାମାଜିକ କର୍ମୀ ଗଙ୍ଗାଧର ସାମଲ ପ୍ରମୁଖ ଠାକୁରଙ୍କ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।


କପିଳାସରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଛି।

# ବୋମା ଫୁଟି ବଳଦ ଗୁରୁତର

**ଢେଙ୍କାନାଳ ଅଫିସ,୭।୧୧**

ଢେଙ୍କାନାଳ ଜିଲା ସଦର ଥାନା ବଣସିଂହ ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ ବାର୍‌ହା ଶିକାର ପାଇଁ ଶିକାରୀମାନେ ରଖିଥିବା ବୋମା ହଠାତ୍ ଫୁଟି ଯିବାରୁ ନିକଟରେ ଥିବା ଏକ ବଳଦ ଗୁରୁତର ହୋଇଥିବା ଜଣାପଡିଛି। ବଳଦଟିର ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ବଳଦଟି ଗ୍ରାମର ନୀଳ ବେହେରାଙ୍କର ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଯୋରନ୍ଦା ସେକ୍ସନ ବନବିଭାଗ କର୍ମଚାରୀଙ୍କୁ ଖବର ଦିଆଯିବା ପରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଅଞ୍ଚଳରେ ବାର୍‌ହା ଶିକାର ପାଇଁ ବୋମା ଓ ବିଦ୍ୟୁତ ଫାଶ ପକାଯାଇ ବ୍ୟାପକ ଶିକାର କରାଯାଉଥିବାରୁ ସାଧାରଣରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି।

# ଅପରିଚିତ ମୃତଦେହ ଜବତ

**ଢେଙ୍କାନାଳ ଅଫିସ,୭।୧୧**

ଢେଙ୍କାନାଳ ଜିଲା ସଦର ଥାନା ରଣପଶିସ୍ଥିତ ରେଳ ଧାରଣାରୁ ପୋଲିସ ସୋମବାର ଅପରାହ୍ନ ୨ଟା ସମୟରେ ଏକ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ରେଳବାଇ ପୋଲିସ ଘଟଣାର ତଦନ୍ତ କରୁଛି।

# ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ବନ୍ଦ କରାଯାଉ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏଏପିର କର୍ମକର୍ତ୍ତାମାନେ।

### ଏଏପିର ଖବରଦାତା ସମ୍ମିଳନୀ

**ଢେଙ୍କାନାଳ ଅଫିସ,୭।୧୧**

ଢେଙ୍କାନାଳ ଜିଲାର ବିଦ୍ୟାଳୟଗୁଡ଼ିକର ଅନିୟମିତତା ବଢିଚାଲିଛି। ଫଳରେ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଥବବା ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ସୋମବାର ଢେଙ୍କାନାଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଆମ୍ ଆଦମୀ ପାର୍ଟି ଢେଙ୍କାନାଳ ଶାଖାର ଜିଲା ଆବାହକ ପଙ୍କଜ ନାୟକ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଜିଲା ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା ଓ ଚିନ୍ମୟ ସେନାପତି ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି।

କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି, ମଧ୍ୟାହ୍ନ ଭୋଜନ, ୟୁନିଫର୍ମ ଓ ଅନ୍ୟାନ୍ୟ ବାବଦକୁ ଆସୁଥିବା ସରକାରୀ ପାଣ୍ଠିର ବାଟମାରଣା, ଗୁଣାତ୍ମକ ଶିକ୍ଷାର ଅବହେଳା ହେଉଛି। ବିଦ୍ୟାଳୟ ଗୁଡିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଅଭିଯୋଗ କଲେ ଅଭିଭାବକମାନଙ୍କୁ ପିଲାଙ୍କ ଭୟ ଦେଖାଯାଉଛି। ନିୟମ ଅନୁଯାୟୀ ପ୍ରଥମରୁ ୮ମ ଶ୍ରେଣୀ ପିଲାଙ୍କୁ ସରକାରଙ୍କ ପକ୍ଷରୁ ଦୁଇହଳ ୟୁନିଫର୍ମ ପ୍ରଦାନ କରାଯାଉଛି। ପ୍ରତି ପିଲାଙ୍କ ୟୁନିଫର୍ମ ବାବଦକୁ ୬୦୦ ଟଙ୍କା ଦିଆଯାଉଛି। ଜିଲାର ଏକ ଆଗୁଆ ଶିକ୍ଷାନୁଷ୍ଠାନରେ ପ୍ରଥମରୁ ୮ମ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୧୫। ଏମାନଙ୍କ ମଧ୍ୟରୁ ୧୬ଜଣ ନୂତନ ଭାବେ ନାମ ଲେଖାଇଥିଲେ। ତେଣୁ ସରକାର ୨୯୯ଜଣ ପିଲାଙ୍କ ପାଇଁ ୬୦୦ ଟଙ୍କା ହିସାବରେ ୧ଲକ୍ଷ ୭୯ହଜାର ୪୦୦ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗୋଟିଏ ହଳ ୟୁନିଫର୍ମ ଦିଆଯାଇଛି। ତେଣୁ ୟୁନିଫର୍ମ ବାବଦକୁ ଆସିଥିବା ଟଙ୍କା କୁଆଡେ ଗଲା। ସେହିପରି ପ୍ରଥମରୁ ୫ମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପିଛା ୫ଟଙ୍କା ୪୨ ପଇସା ଓ ଷଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କ ପାଇଁ ୮ଟଙ୍କା ୧୦ପଇସା ହିସାବରେ ମିଳୁଛି। ସପ୍ତାହର ବୁଧବାର ଓ ଶନିବାର ମଧ୍ୟାହ୍ନ ଭୋଜନରେ ଗୋଟିଏ ଲେଖାଏଁ ଅଣ୍ଡା ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ନିରାମିଷାଶୀ ପିଲାଙ୍କ ପାଇଁ ଅଣ୍ଡା ଦିଆଯାଉ ନ ଥିବା ବେଳେ ସେମାନଙ୍କୁ ଅଣ୍ଡା ଦିଆଯାଉଥିବା ଦର୍ଶାଇ ଟଙ୍କା ବାଟମାରଣା କରାଯାଉଛି। କେବଳ ମଧ୍ୟାହ୍ନ ଭୋଜନରୁ ୪୦ ହଜାର ବାଟମାରଣା ହେଉଛି। ରାଶନ ସାମଗ୍ରୀ ଠିକ୍ ପରିମାଣରେ କିଣାଯାଉନାହିଁ। ସିସିଟିଭି କ୍ୟାମେରା କାମ କରୁନାହିଁ। ବିଦ୍ୟାଳୟର ଦାୟିତ୍ୱ ପରିଚାଳନା କରିବା ପାଇଁ କମିଟି ସଦସ୍ୟଙ୍କୁ ତାଲିମ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ୩ହଜାର ଟଙ୍କା ଆସୁଛି। କିନ୍ତୁ କେତେକ ସ୍କୁଲରେ ଏ ସମ୍ପର୍କରେ କୌଣସି ତାଲିମ କାର୍ଯ୍ୟକ୍ରମ ହେଉନାହିଁ। ପ୍ରତ୍ୟେକ ମାସରେ ପରିଚାଳନା କମିଟି ବୈଠକ ଆୟୋଜନ ହେବା ବାଧ୍ୟତାମୂଳକ। କିନ୍ତୁ ଘରଘର ବୁଲି ସଭ୍ୟମାନଙ୍କ ଦସ୍ତଖତ ସଂଗ୍ରହ କରି ସଭା ବହିରେ ସଂକଳ୍ପ ପାରିତ କରାଯାଉଥିବା ଏଏପି ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଏଏପି କର୍ମକର୍ତ୍ତାମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କହିଛନ୍ତି, ଏଭଳି ଅଭିଯୋଗ ମୋ ପାଖକୁ ଆସିନାହିଁ । ଏ ବିଷୟରେ ମଧ୍ୟ ଜାଣିନାହିଁ।

# ପୌର ନିର୍ବାହୀ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟକାଳୀନ ସମ୍ବର୍ଦ୍ଧନାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଢେଙ୍କାନାଳ ଅଫିସ,୭।୧୧**

ଢେଙ୍କାନାଳ ପୌର ନିର୍ବାହୀ ଅଧିକାରୀଙ୍କୁ କଟକ ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇ ବଦଳି କରାଯାଇଛି। ଏଥିନିମନ୍ତେ ସୋମବାର ଅପରାହ୍ନ ୨ଟାରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କୁ ପୌର କାର୍ଯ୍ୟାଳୟ, ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀ ଓ ଏସ୍‌ଏଚ୍‌ଜିମାନଙ୍କ ପକ୍ଷରୁ ଏକ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ପ୍ରକାଶ କୁମାର କୁଅଁର, କାଉନସିଲର ଅଭିମନ୍ୟୁ ପଣ୍ଡା, ସାମାଜିକ କର୍ମୀ ଯୋଗୀନାଥ ମହାନ୍ତି, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କର ସ୍ତୁତିଚାରଣ କରିଥିଲେ। ସେହିପରି ପୌରାଞ୍ଚଳର ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ ତାଙ୍କର ପ୍ରେରଣାଦାୟୀ କାର୍ଯ୍ୟାବଳୀର ପ୍ରଶଂସା କରିଥିଲେ। ଏହି ଅବସରରେ ବିଦାୟୀ ନିର୍ବାହୀ ଅଧିକାରୀ ସମସ୍ତେ ମିଳିମିଶି ଢେଙ୍କାନାଳ ସହରକୁ ଏକ ଆଦର୍ଶ ସହର ଭାବେ ଗଢି ତୋଳିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ଯୁବଶକ୍ତି ଜାଗ୍ରତ ହେଲେ ଜିଲା ସମୃଦ୍ଧ ହେବ

**ଢେଙ୍କାନାଳ ଅଫିସ,୭।୧୧**

### ପର୍ବତାରୋହଣରେ ଶୁଭାରମ୍ଭ ହେଲା କପିଳାସ ମହୋତ୍ସବ

ଢେଙ୍କାନାଳର ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ୍ ପକ୍ଷରୁ ୪ର୍ଥ କପିଳାସ ମହୋତ୍ସବ ତଥା ଅନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବ ସୋମବାର କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଉଦ୍‌ଘାଟିତ ହୋଇଯାଇଛି। ପର୍ବତାରୋହଣ ମାଧ୍ୟମରେ ଏହି ୪ଦିନିଆ ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ପୀଠରେ ମଶାଲକୁ ପୂଜାର୍ଚ୍ଚନା କରାଯାଇ ଅଣାଯିବା ପରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାରେ ସେଠୀ ମହୋତ୍ସବ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ମଞ୍ଚ ଅଭିନେତା ଶତ୍ରୁଘ୍ନ ମାଟି ଓ ଅରବିନ୍ଦ ସାହୁ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୂର ପାଟସାହାଣୀ, ସାମାଜିକ କର୍ମୀ ରୁବି ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଯୁବଗୋଷ୍ଠୀ ସଶକ୍ତ ହେଲେ ଢେଙ୍କାନାଳ ଜିଲା ସମୃଦ୍ଧ ହେବା ସହିତ ପ୍ରଗତିଶୀଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ମଶାଲ ସହ ପର୍ବତାରୋହଣ କାର୍ଯ୍ୟକ୍ରମକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ହାଇସ୍କୁଲ ଓ କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍, ଟାଇକୋଣ୍ଡୋ, ଗୁରୁଦେବଜୀ ଫାଉଣ୍ଡେଶନ ସଦସ୍ୟ, ଭୁବନେଶ୍ୱର ମାଉଣ୍ଟେନରିଙ୍ଗ୍ ସ୍କୁଲ ଆଦିର ପ୍ରାୟ ୨୦୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଭଜନ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ ଓ ବିଜ୍ଞାନ ମହାନ୍ତି ସଂଯୋଜନା କରିଥିଲେ। ପରେ ମନ୍ଦିର ପୂଜକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ ସାହୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସଦସ୍ୟ ସୌମ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ପର୍ବତାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତବର୍ଷ ନଭେମ୍ବର ୧୧, ୧୨ ଓ ୧୩ ତିନିଦିନ ଧରି ଗୋପବନ୍ଧୁ ଟାଉନହଲ ଠାରେ ହୁଳହୁଳି, ଶଙ୍ଖ ବାଦନ, ସୁଗୃହିଣୀ, ବକ୍ତୃତା, ଝୋଟି, ମେହେନ୍ଦି, ଗୀତ, ତବଲା, କି-ବୋର୍ଡ, ଫ୍ୟାନ୍ସି ଡ୍ରେସ, ର୍ୟାମ୍ପ ଶୋ, ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଲଘୁନୃତ୍ୟ, ଦଳଗତ ନୃତ୍ୟ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ରକ୍ତଦାନ ଶିବିର, ସ୍ୱତନ୍ତ୍ର ସାହିତ୍ୟ ଆସର, ପ୍ରତ୍ୟେକ ସନ୍ଧ୍ୟାରେ ପୁରସ୍କାର ବିତରଣ ଓ ରାଜ୍ୟ ତଥା ଜିଲାସ୍ତରରେ ବିଭିନ୍ନ କ୍ଷେତ୍ରରେ ବରିଷ୍ଠ ପ୍ରତିଭାଧାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି।



କପିଳାସ ମହୋତ୍ସବ ଅବସରରେ ପର୍ବତାରୋହଣ ଟିମ୍। କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରୁଛନ୍ତି ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ, ଜନପ୍ରତିନିଧି।

**ସଂକ୍ଷେପରେ**

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ, ୩ଗୁରୁତର

ପରଜଙ୍ଗ,୭।୧୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମେଣ୍ଢାପଦା କେନାଲ ରାସ୍ତା ସହିତ ସଂଯୋଗ ଥିବା ପାଟରପଦା ଗ୍ରାମ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଟରପଦା ଗ୍ରାମର ବୁଲା ବିଶ୍ୱାଳଙ୍କ ପୁଅ ଅନାମ ବିଶ୍ୱାଳ(୪୧)। ଘଟଣାରୁ ଜଣାପଡ଼ିଛି, ପାଟରପଦା ଗ୍ରାମର ଅନାମ ବିଶ୍ୱାଳ ଓ ରଞ୍ଜି ବାରିକ ବାଇକ୍ ଯୋଗେ କେନାଲ ରାସ୍ତାରେ ନିଜ ଗ୍ରାମକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଉକ୍ତ ଗ୍ରାମର ସୁବାସ ବିଶ୍ୱାଳ ଓ ସୁରେଶ ବେହେରାଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତଙ୍କୁ ସ୍ଥାନୀୟବାସୀ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସମସ୍ତଙ୍କୁ ତାଳଚେର ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଅନାମଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନୁଗୋଳ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଗଡ଼ସନ୍ତ୍ରୀ, ତୁଳସୀପାଳ ଉତ୍ସବମୁଖର

- ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ
- ପ୍ରଥମ ଦିନରେ ୩୦ ହଜାର ଭକ୍ତଙ୍କ ସମାଗମ
- ୧୯ ଅଧିକାରୀ, ୫ ପ୍ଲାଟୁନ୍ ଫୋର୍ସ ମୁତୟନ

ବଆଁରପାଳ,୭।୧୧(ଡି.ଏନ.ଏ.)




ଅନୁଗୋଳ ଜିଲା ବଆଁରପାଳ ବ୍ଲକ ତୁଳସୀପାଳ ଓ ଗଡସନ୍ତ୍ରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା ପାଇଁ ଉଭୟ ଗ୍ରାମ ବେଶ ଉତ୍ସବ ମୁଖର ହୋଇପଡ଼ିଛି। ପ୍ରତ୍ୟେକ ଘରେ ଘରେ ବନ୍ଧୁ ବାନ୍ଧବଙ୍କ ଭିଡ଼ ଜମିଛି। ପୂର୍ବାହ୍ନ ୧୨ଟାରେ ତୁଳସୀପାଳସ୍ଥିତ ଆଲମ ଘରୁ ମା'ଙ୍କ ଶୋଭାଯାତ୍ରା ବାହାରିଥିଲା। ଛତି ତରାସ, ପାଇକ ଖେଳ, ଲଉଡି ଖେଳ, ଆଦିବାସୀ ନୃତ୍ୟ, ଘଣ୍ଟବାଦ୍ୟରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ରାସ୍ତାରେ ଭକ୍ତମାନେ ଅଧିଆ ପଡ଼ିବା ସହ ନୂତନ ବସ୍ତ୍ର ପକାଇଥିଲେ। ଅପରାହ୍ନରେ ଦେବୀଙ୍କ ମାଜଣା ପର୍ବ ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ମୀନାବଜାର ସମେତ ୨ଶହରୁ ଊର୍ଦ୍ଧ୍ୱ ଦୋକାନ ବଜାର ପଡିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଜଣେ ଡିଏସ୍‌ପି, ୨ ଜଣ ଇନ୍ସପେକ୍ଟର, ୫ ଜଣ ସବ୍ ଇନ୍ସପେକ୍ଟର, ୧୨ ଜଣ ଏଏସ୍‌ଆଇଙ୍କ ସମେତ ୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏହି ଯାତ୍ରା ୫ ଦିନ ଧରି ଚାଲିବ। ମନ୍ଦିର କମିଟି ସଭାପତି ସୁନୀଲ ମାଝି, ସମ୍ପାଦକ ଭଜମନ ମହାନ୍ତି, ଲୋକନାଥ ମାଝି, ପ୍ରଶାନ୍ତ ମାଝି, ରାମ ସାମଲ, ଭିକାରି ସେଠି, ସନ୍ତୋଷ ସାହୁ, ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଠିକାସଂସ୍ଥା କ୍ୟାମ୍ପରୁ ଶାଗୁଆନ କାଠ ଜବତ

- ଅଭିଯୁକ୍ତଙ୍କୁ ଗିରଫ କରୁନି ବନବିଭାଗ
- ଡିଏଫ୍‌ଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବଇଣ୍ଡା,୭।୧୧(ଡି.ଏନ.ଏ.)

କିଶୋରନଗର ଥାନା ବାମୁର ରେଞ୍ଜ ଭାଙ୍ଗମୁଣ୍ଡାଠାରେ ଥିବା ଜାତୀୟ ରାଜପଥ କାମ କରୁଥିବା ଠିକାସଂସ୍ଥା କ୍ୟାମ୍ପରେ ଶୁକ୍ରବାର ବନବିଭାଗ ଚଢାଉ କରି ୫୦ ହଜାର ଟଙ୍କାର ଶାଗୁଆନ କାଠ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା କାଠ ବ୍ୟବସାୟୀଙ୍କୁ ବନବିଭାଗ ଗିରଫ କରିବାରେ ବିଫଳ ହୋଇଛି। ଏ ନେଇ ଭାଙ୍ଗମୁଣ୍ଡା ଗ୍ରାମବାସୀ ସୋମବାର ଆଠମଲ୍ଲିକ ଡିଏଫଓଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାପଡିଛି, ଉକ୍ତ ସଂସ୍ଥାର କେତେଜଣ କର୍ମଚାରୀ କାଠ ମାଫିଆଙ୍କ ସହ ସଲାସୁତରା କରି ଜଙ୍ଗଲରୁ ଶାଗୁଆନ କାଠ ଆଣି ନିରାପଦ କ୍ୟାମ୍ପ ସ୍ଥାନରେ ପଟ୍ଟା କରି ଚାଲାଣ କରୁଥିଲେ। ଏ ନେଇ ବାମୁର ଅଞ୍ଚଳବାସୀ ବାମୁର ବନ ବିଭାଗକୁ ସୂଚନା ଦେବା ପରେ ବନ ବିଭାଗ ଚଢାଉ କରି କାଠ ଜବତ କରିଥିଲା। ସେହି ସମୟରେ ୨ ଜଣ କାଠ ବ୍ୟବସାୟୀ କାଠଗୁଡିକ କରତ ସାହାଯ୍ୟରେ ପଟ୍ଟା ପ୍ରସ୍ତୁତ କରୁଥିବାବେଳେ ସେମାନଙ୍କୁ ଆଣି ପଚରାଉଚାର କରି ଛାଡି ଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗର କେତେଜଣ କର୍ମଚାରୀ ସଲାସୁତରା କରି କାଠ ବ୍ୟବସାୟୀଙ୍କୁ ଗିରଫ କରୁ ନ ଥିବାବେଳେ ଏଥିରେ କ୍ୟାମ୍ପର କେତେଜଣ କର୍ମଚାରୀ ସାମିଲ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବନବିଭାଗର ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେଇ କାଠ କାରବାରରେ ସାମିଲ ଥିବା ବ୍ୟବସାୟୀଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଠିକାସଂସ୍ଥାର ଜିଏମ୍ ବିମଳ ପାଲ କହିଛନ୍ତି, ଏହି କାଠ ୫ ବର୍ଷ ପୂର୍ବେ କ୍ୟାମ୍ପରେ ପଡିଥିଲା। ଆମର କୌଣସି କର୍ମଚାରୀ ଏହି କାରବାରରେ ସମ୍ପୃକ୍ତ ନାହାନ୍ତି। ବନବିଭାଗ ଖବରପାଇ ଚଢାଉ କରି ଜବତ କରିଛି। ଏ ନେଇ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର କହିଛନ୍ତି, ଉକ୍ତ କ୍ୟାମ୍ପରୁ କାଠ ଜବତ କରାଯାଇଛି। ଖୁବ୍‌ଶୀଘ୍ର ବ୍ୟବସାୟରେ ସାମିଲ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏ ନେଇ ଆଠମଲ୍ଲିକ ଡିଏଫଓ ଏସ୍ ଆନନ୍ଦ କହିଛନ୍ତି, ଘଟଣା ସମ୍ପର୍କରେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ବିଉଟିସିଆନ୍ ୱେଲ୍‌ଫେୟାର୍ ଆସୋସିଏଶନ୍ ଗଠିତ

ଢେଙ୍କାନାଳ ଅଫିସ, ୭।୧୧

ଓଡ଼ିଶା ବିଉଟିସିଆନ୍ ୱେଲ୍‌ଫେୟାର୍ ଆସୋସିଏଶନ୍‌ର ଢେଙ୍କାନାଳ ଜିଲା ଶାଖାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ରବିବାର ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲରେ ଏକ ବୈଠକ ଜିଲା ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିଲା। ରାଜ୍ୟ ସଭାନେତ୍ରୀ ସୁଶ୍ରୀ ସୁପ୍ରିୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ସଂଘକୁ ସ୍ୱୀକୃତି ପ୍ରଦାନ କରିଥିଲେ। ବିଉଟିସିଆନ୍‌ଙ୍କ ବୃତ୍ତିଗତ ଜୀବନ, ସାମାଜିକ ସମସ୍ୟା ଓ ଏହାର ନିରାକରଣ ବିଷୟରେ ଆଲୋଚନା କରାଯାଇଥିଲା। ଏହାପରେ ସର୍ବସମ୍ମତିକ୍ରମେ ଜିଲା କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ସୁଚିସ୍ମିତା ମହାନ୍ତି, କବିତା ବେହେରା, ସସ୍ମିତା ଦାସ, ସାଗରିକା ଦାସ, ଜୟଲକ୍ଷ୍ମୀ ଦୋରା, ମମତା, ପ୍ରଣତି ପଣ୍ଡା, ଲଳିତା, ଲିକିତା, ଶକ୍ତିସ୍ୱରୂପା ପାତ୍ର, ରଶ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦିକା ସୁଶ୍ରୀ ମାଳବିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ବିଉଟିସିଆନ୍ ସଂଘର ସଦସ୍ୟାମାନେ।

## 'ଭ୍ରଷ୍ଟାଚାର ବିରୋଧରେ ଲଢ଼'

ଢେଙ୍କାନାଳ ଅଫିସ, ୭।୧୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଚିରୁଳେଇଠାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜୋନ୍‌ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୋରନ୍ଦା, କାଲୁରିଆ, କରମୂଳ, ବାଇଁଶିଆ, ସନ୍ଥପୁର, ରାଇତଳା ଅଞ୍ଚଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପୁରୁଷୋତ୍ତମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆବାହକ ପଙ୍କଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତୀକରଣ, ଶ୍ରମଜୀବୀ ଓ ଚାଷୀଙ୍କ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ। ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସମ୍ପାଦକ ବିଷ୍ଣୁଚରଣ ପଣ୍ଡା ଦିଲ୍ଲୀ ମଡେଲ ଉପରେ ଆଲୋଚନା କରିଥିଲେ। ସୋସିଆଲ ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା, ସଦସ୍ୟ ଚିନ୍ମୟ ସେନାପତି ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୋରନ୍ଦାର ଦୀପକ ରଞ୍ଜନ ରାଉତ, ବିଜୟ ସାହୁ, ପଙ୍କଜ ରାଉତ, କାବେରା ପଞ୍ଚାୟତର ଦିଲୀପ ନାୟକ, ସୁଧାକର ଭୋଇ, ମନ୍ଦାର ପଞ୍ଚାୟତର ପଦ୍ମଚରଣ ସାହୁ, ରାଜକିଶୋର ଓଝା, ବାଇଁଶିଆର ତରଣୀ ପାତ୍ର, ସନ୍ତୋଷ ସ୍ୱାଇଁ, କରମୂଳର ଅଭିରାମ ଶତପଥୀ, ଶଙ୍କର ମଲ୍ଲିକ, ପଦ୍ମନାଭ ବେହେରା ପ୍ରମୁଖଙ୍କୁ ପଞ୍ଚାୟତ ମୁଖ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ବାପି ମଲ୍ଲିକ, ଅରୁଣ ଲେଙ୍କା, ନରେନ୍ଦ୍ର ମହାନ୍ତି, ରଞ୍ଜନ ମଲ୍ଲ, ନିରାକାର ଲେଙ୍କା, ବିମଳ ରାଉତ, ରାଜୀବ ଲୋଚନ ସାମଲ, ଗଗନ ପୃଷ୍ଟି, ସୁବ୍ରତ ନାୟକ, ଭାଗୀରଥି ନାୟକ, ରଞ୍ଜନ ପାଣିଗ୍ରାହୀ, ଜୟନ୍ତ ଦାସ, ସୁଶାନ୍ତ ସାହୁ, ବିଜୟ ରାଉତ, ବିଜୟ ପାତ୍ର, ଶ୍ରୀଧର ନାୟକ ପ୍ରମୁଖ ଦଳର ସଦସ୍ୟତା ଗ୍ରହଣ କରିଥିଲେ। ସଦର ବ୍ଲକ ସଭାପତି ରାଜ କୁମାର ପ୍ରଧାନ ସଭା ପରିଚାଳନା କରିଥିବାବେଳେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପୀତାମ୍ବର ଦାସ ଧନ୍ୟବାଦ ଦେଇଥିଲେ।




ବୈଠକରେ ଏଏପିର କାର୍ଯ୍ୟକର୍ତ୍ତାବୃନ୍ଦ।

## ପ୍ଲାଷ୍ଟିକ୍ ବର୍ଜନ ଆହ୍ୱାନ

ଢେଙ୍କାନାଳ ଅଫିସ, ୭।୧୧

ଓଡ଼ିଶା ନବୋଦୟ ଆଲୁମ୍‌ନି ସଂଘ ଏବଂ ଢେଙ୍କାନାଳ ଜବାହର ନବୋଦୟ ଆଲୁମ୍‌ନି ସଂଘର ମିଳିତ ଆନୁକୂଲ୍ୟରେ ରବିବାର ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସମେତ ଓଡ଼ିଶାର ୧୨ଟି ଜିଲାର ଜବାହାର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ସଂଘର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ପ୍ଲାଷ୍ଟିକ୍ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପ୍ଲାଷ୍ଟିକର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଏଥିପୂର୍ବରୁ ସ୍ୱଚ୍ଛ, ସମୃଦ୍ଧ, ସବୁଜ ଓଡ଼ିଶା ସମ୍ପର୍କିତ ଏକ ପ୍ରାକ୍ ବୈଠକ ହୋଇଥିଲା। ସ୍ଥାନୀୟ ଲେଖକ ସଂସଦ ଭବନଠାରେ ଅନୁଷ୍ଠିତ ବୈଠକରେ ସଂଘର ରାଜ୍ୟ ସଭାପତି ସଞ୍ଜୟ ନାୟକ ସଭାପତିତ୍ୱ କରିଥିଲେ। ଯୁଗ୍ମ ସମ୍ପାଦକ ଅନିଲ ମିଶ୍ର, ପୁରାତନ ଛାତ୍ର ଯଶୋବନ୍ତ ସାହୁ, ଆୟୋଜକ ଦୀପ୍ତିରଞ୍ଜନ ସାମଲ, ପୂର୍ବତନ ସଭାପତି ନୀଳାଚଳ ମହାପାତ୍ର, ରବି ସାହୁ, ତପନ ପଟ୍ଟନାୟକ, ଶିବ ଯାଦବ, ଜ୍ଞାନ ମଲ୍ଲିକ, ଭାଗ୍ୟଲକ୍ଷ୍ମୀ ଦାସଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ପ୍ଲାଷ୍ଟିକ ବ୍ୟବହାର ନିଷେଧ ପାଇଁ ସଚେତନତା।

## ବୋଇତ ବନ୍ଦାଣ ଉତ୍ସବ

ଭୁବନ,୭।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠଠାରେ ସୋମବାର ବାଲିଯାତ୍ରା ଓ ଡଙ୍ଗା ଭସା ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ରାଜ୍ୟର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଭୋର ସମୟରେ ପ୍ରଭୁଙ୍କ ପୂଜା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ନିକଟରେ ଯାଇଥିବା ବ୍ରାହ୍ମଣୀ ନଦୀରେ ସ୍ନାନ କରିବା ପରେ ଦର୍ଶନ କରିଥିଲେ। ଏହି ଅବସରରେ ଭୁବନ ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ଢେଙ୍କାନାଳ ଜିଲାପରିଷଦ ସଭାପତି ଅର୍ଚ୍ଚନା ପୁହାଣ, କଷ୍ଟଶିଳ୍ପୀ ଗୋବିନ୍ଦ ଚନ୍ଦ୍ର, ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ, ଯାତ୍ରା ନିର୍ଦ୍ଦେଶକ ଗୁରୁ ପ୍ରସାଦ ମିଶ୍ର ଓ ସାମାଜିକ କର୍ମୀ ସୁଧାକର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ୧୦ ଜଣ ପ୍ରତିଭାଧାରୀ ବ୍ୟକ୍ତି ସହିତ ନିଜର କର୍ତ୍ତବ୍ୟରେ ସମାଜକୁ ପ୍ରେରଣା ଯୋଗାଉଥିବା ୮ ଜଣ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅଞ୍ଚଳର ପ୍ରତିଭାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତୃପ୍ତି ପାଠାଗାରର କାର୍ଯ୍ୟକାରୀ ସଭାପତି ତଥା ଚିତ୍ରଶିଳ୍ପୀ ନାରାୟଣ ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ତୈଳିକ ସମାଜର ସମସ୍ତ ବରିଷ୍ଠ କର୍ମକର୍ତ୍ତା ସହଯୋଗ କରିଥିଲେ। ବାଲିଯାତ୍ରାରେ ସମସ୍ତ ପ୍ରକାରର ଉଠାଦୋକାନ ସାଙ୍ଗକୁ ଚାଟ, ଗୁପଚୁପ ଓ ଘର ଉପକରଣ ସରଞ୍ଜାମ କିଣା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।




## ୩୧ ଅଭିଯୋଗର ଶୁଣାଣି




କମାକ୍ଷାନଗର,୭।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହ ପରିସରରେ ସୋମବାର ଢେଙ୍କାନାଳ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ପଞ୍ଚାୟତରୁ ଅନେକ ଲୋକ ଉପସ୍ଥିତ ରହି ନିଜ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଶିବିରରେ ମୋଟ୍ ୩୧ଟି ଅଭିଯୋଗ ଆଗତ ହୋଇଥିଲା। ସେଥମଧ୍ୟରୁ ୧୯ ଟି ଅଭିଯୋଗର ସମାଧାନ ହୋଇଥିଲା। ୩୧ ଅଭିଯୋଗ ମଧ୍ୟରୁ ୨୯ଟି ବ୍ୟକ୍ତିଗତ ଏବଂ ୨ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ରହିଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଏଲ୍. ଦିବ୍ୟା ଭି, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଦତ୍ତ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ, ବିଡିଓ ବିକାଶ କୁମାର ମହାନ୍ତି, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ଜ୍ୟୋତିଶ କୁମାର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାଶ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଲଳିତ ସୁନ୍ଦର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଠିକ୍ ସମୟରେ ଆସୁନାହାନ୍ତି କର୍ମଚାରୀ

- ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗ
- ସ୍ୱୀକାର କଲେ ବ୍ଲକ ଅଧ୍ୟକ୍ଷା
- ହାଇରାଣ ହେଉଛନ୍ତି ଦୂରଦୂରାନ୍ତରୁ ଆସୁଥିବା ଲୋକେ

କାମାକ୍ଷାନଗର,୭।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲାର ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟକୁ ଠିକ୍ ସମୟରେ ଅଧିକାରୀ, କର୍ମଚାରୀମାନେ ଆସୁ ନ ଥିବା ଅଭିଯୋଗ ହେଉଛି। ଅଧିକାରୀ ଓ କର୍ମଚାରୀମାନଙ୍କ ଏପରି ମନମୁଖୀ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକେ ନାହିଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟ ପୂର୍ବାହ୍ନ ୧୦ଟା ସୁଦ୍ଧା ଖୋଲିବା ନିୟମ ଥିଲାବେଳେ ସୋମବାର ପୂର୍ବାହ୍ନ ପ୍ରାୟ ୧୧.୩୦ରେ କାର୍ଯ୍ୟାଳୟରେ ବହୁ ଅଧିକାରୀ ଓ କର୍ମଚାରୀଙ୍କ ଚୌକି ଖାଲି ପଡିଥିବା ଦେଖିବାକୁ ମିଳିଥିଲା। ଏପରିକି ବିଡିଓଙ୍କ କାର୍ଯ୍ୟାଳୟରେ ଚୌକି ମଧ୍ୟ ଫାଙ୍କା ପଡ଼ିଥିଲା। ଏଥିସହ ବ୍ଲକର ମୋ ସରକାର କକ୍ଷ, ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ, ଗ୍ରାମୀଣ ଆବାସ ଯୋଜନା ବିଭାଗ ବିଭିନ୍ନ ବିଭାଗରେ ଅଧିକାରୀ ଓ କର୍ମଚାରୀଙ୍କ ଚୌକିରେ କେହି ନ ଥିବା ଚର୍ଚ୍ଚାର ବିଷୟ ହୋଇଛି।

କଙ୍କଡାହାଡ଼ ବ୍ଲକ ୨୧ ପଞ୍ଚାୟତକୁ ନେଇ ଗଠିତ। ଏହାର ସଦର ମହକୁମା କଙ୍କଡାହାଡ଼ଠାରୁ ୫୦ କି.ମି. ଦୂରରେ ଥିବା ଘାଗରାମୁଣ୍ଡା ପଞ୍ଚାୟତ ପଡ଼ୋଶୀ ପାଲଲହଡା ବ୍ଲକ ସୀମାନ୍ତକୁ ଲାଗିକରି ଥିବାବେଳେ ପରଜଙ୍ଗ ବ୍ଲକ ସୀମାନ୍ତକୁ ଲାଗିଛି କତୁରିଆ ପଞ୍ଚାୟତ। ସେହିପରି ୩୫ କି.ମି. ଦୂରରେ ଥିବା ମରୁଆବିଲ ପଞ୍ଚାୟତ ଯାଜପୁର ଜିଲା ସୁକିନ୍ଦା ବ୍ଲକ ସୀମାନ୍ତକୁ ଲାଗି ରହିଛି। ଏତେ ଦୂରରୁ କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟକୁ ସାଧାରଣ ଲୋକମାନେ ଭତ୍ତା, ରାଶନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଭଳି ଅନେକ ସମସ୍ୟା ନେଇ ଆସୁଥିବାବେଳେ ଅଧିକାରୀ ଓ କର୍ମଚାରୀଙ୍କୁ ନ ପାଇ ନିରାଶ ହେଇ ଫେରୁଥିବା ଅଭିଯୋଗ ହେଉଛି। ଏ ନେଇ ବିଡିଓ ଦୁର୍ଗାଚରଣ ମୁର୍ମୁ କହିଛନ୍ତି, ଏକୁଲ ସେକୁଲ ଯାଉଛି। ପ୍ରତିଦିନ ଅପରାହ୍ନ ୩ରେ କାର୍ଯ୍ୟାଳୟକୁ ଯାଏ। ସକାଳ ସମୟରେ ଫିଲ୍‌ଡରେ ରୁହେ। ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ଘଟଣାକୁ ସ୍ୱୀକାର କରିବା ସହ ଅବହେଳା କରୁଥିବା କର୍ମଚାରୀଙ୍କୁ ତାଗିଦ କରାଯିବ। ଦରକାର ପଡ଼ିଲେ ଜିଲାପାଳଙ୍କୁ ଜଣାଇବି ବୋଲି କହିଛନ୍ତି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କହିଛନ୍ତି, ବିଡିଓଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ।



ବିଡିଓଙ୍କ ଅଫିସ ଚେୟାର ଖାଲି ପଡ଼ିଛି।




ସହକାରୀ ନିର୍ବାହୀ ଯନ୍ତ୍ରୀ, ଉନ୍ନୟନ ଉପ ବିଭାଗ, ଗ୍ରାମୀ ଆବାସ ଯୋଜନା କାର୍ଯ୍ୟାଳୟରେ ତାଲା।

